# ପିଲାଙ୍କ ଧରିତ୍ରୀ

ଶନିବାର, ୨୨ ଫେବୃୟାରୀ, ୨୦୨୦


ପରୀକ୍ଷାର୍ଥୀଙ୍କ ପାଇଁ....

୩



୬

ପ୍ରତିଭା





୭

ଜଣା -ଅଜଣା

# ଖିଲି ଖିଲି ହସ

ଶିକ୍ଷକ କ୍ଲାସରେ ପଢ଼ାଉଥିବା ସମୟରେ କହିଲେ: ଆଚ୍ଛା ପିଲାମାନେ କହିଲ–ଏ ଫଳ କ'ଣ ?
ରାଜୁ: ସାର୍–ଆପଲ।
ଶିକ୍ଷକ: ଜୋର୍‌ରେ କୁହ
ରାଜୁ: ଜୟମାତା କି।

ଶିକ୍ଷକ: ମୋ ବାପା କାମ କରିବାକୁ ଯାଇଛନ୍ତି, ଏହାର ଫ୍ୟୁଚର୍ ଟେନ୍ସ କ'ଣ ହେବ ?
ଛାତ୍ର: ସେ କାଲି ବି ଯିବେ .....କାହାର ସାହସ ଅଛି ତାଙ୍କୁ ଅଟକାଇ ଦେଖାଅ।

ଜଣେ ଭିକାରି ଖାଇବା ଲାଗି ଢ଼ାବାରେ ପହଁଞ୍ଚିଲା। ଢାବାବାଲାକୁ ପଚାରିଲା: ଭାଇ, ପୁରି କେତେଟଙ୍କା ?
ଢାବାବାଲା: ଦୁଇଟଙ୍କାରେ ଗୋଟିଏ ପୁରି କିନ୍ତୁ ଆଳୁଦମ୍ ମାଗଣାରେ।
ଭିକାରି: ଠିକ୍ ଅଛି, ପୁରି ତୁମେ ରଖିଦିଅ ମୋତେ କେବଳ ଆଳୁଦମ୍ ଦିଅ।






## ମତାମତ

"ଏଥର ପିଲାଙ୍କ ଧରିତ୍ରୀରେ ପ୍ରକାଶିତ ହସକଥା ଓ ଚଗଲା ଭୀମୁ ପଢି ଖୁବ୍ ହସିଲି।

– **ମୋହନ କୁମାର ଦାସ,**
ବାଉଁଶିଆପଡା, ନୟାଗଡ

"ତୁମ ତୂଳୀରୁ ସ୍ତମ୍ଭରେ ପ୍ରକାଶ ପାଇଥିବା ସମସ୍ତ ଚିତ୍ର ଖୁବ୍ ସୁନ୍ଦର ଲାଗୁଥିଲା।

– **ମୋନା, ସୋନା,**
ଝରିଗାଁ, ନବରଙ୍ଗପୁର

"କବିତା ସ୍ତମ୍ଭରେ ସ୍ଥାନିତ ଜାଗର ସମ୍ପର୍କିତ ସମସ୍ତ କବିତା ହୃଦୟସ୍ପର୍ଶୀ ଥିଲା।

– **ଲଳିତ ମୋହନ ଦାସ,**
ରମ୍ପା, ବରି, ଯାଜପୁର

"ଆସ ଜାଣିବା ସ୍ତମ୍ଭରୁ ନେପାଳର ସୁଉଚ୍ଚ କୈଳାସନାଥଙ୍କ ବିଷୟରେ ପଢିଲି। ବାସ୍ତବରେ ଏକ ଭ୍ରମଣଯୋଗ୍ୟ ସ୍ଥାନ।

– **ସର୍ମିଷ୍ଠା ପଟ୍ଟନାୟକ,**
ନିମାପଡ଼ା, ପୁରୀ

## ଗପ



# ଈଶ୍ୱର ସବୁ ଦେଖୁଛନ୍ତି

ଥରେ ଜଣେ ଗୁରୁ ଦୁଇ ଶିଷ୍ୟଙ୍କୁ ପରୀକ୍ଷା କଲେ। ଦୁଇଜଣଙ୍କୁ ଦୁଇଟି ଛୋଟ ବଣିଚ୍ଛୁଆ ଦେଇ କହିଲେ–ଦେଖ ଶିଷ୍ୟ, ଏଇ ଦୁଇଟି ପକ୍ଷୀଶାବକକୁ ନେଇଯାଅ, ଯିଏ ଯେତେ ଶୀଘ୍ର ଦୁଇଟି ଛୁଆଙ୍କୁ ମାରି ନେଇଆସିବ, ସେ ପୁରସ୍କାର ପାଇବ। ପୁଣି ଗୋଟିଏ ବଡ଼ କଥା ମନେରଖିଥିବ ଯେ, ତୁମେ ଏହି ପକ୍ଷୀଛୁଆଙ୍କୁ ଏପରି ଜାଗାରେ ମାରି ଆଣିବ, ଯେଉଁଠି କି କେହି ଦେଖି ପାରିବେ ନାହିଁ କି ଜାଣିପାରିବେ ନାହିଁ।

ଗୁରୁଙ୍କ ନିର୍ଦ୍ଦେଶ ପାଳନ କରିବା ଉଦ୍ଦେଶ୍ୟରେ ପ୍ରଥମ ଶିଷ୍ୟ ଜଣକ ସଙ୍ଗେ ସଙ୍ଗେ ଯାଇ ବଣିଚ୍ଛୁଆଟିକୁ ମାରି ନେଇଆସି ଗୁରୁଙ୍କୁ ଦେଖାଇ ଦେଲେ। ବାହାଦୁରି ନେବାପାଇଁ ଉତ୍ତରକୁ ଅପେକ୍ଷାକରି ରହିଲେ। ପରେ ପରେ ଦ୍ୱିତୀୟ ଶିଷ୍ୟଟିର ପାଳି ପଡ଼ିଗଲା। ସେ ପକ୍ଷୀଛୁଆଟିକୁ ନେଇ ମାରିବାକୁ ଏକ ଗଛମୂଳକୁ ଗଲା। ଚାରିଆଡ଼କୁ ଅନାଇଲା କାହାରିକୁ ଦେଖିବାକୁ ପାଇଲା ନାହିଁ। କେବଳ ଏଣ୍ଟୁଅଟିଏ ଗଛଡାଳରେ ମୁଣ୍ଡ ହଲାଉଛି। ସେ ଭାବିଲା କେହି ନ ଦେଖିଲେ ବି ଏଣ୍ଟୁଅଟିଏ ଦେଖୁଛି, ସେ ତ ଏକ ଜୀବ। ଏହା ଭାବି ସେଠାରେ ଥିବା ଏକ ପୋଲ ତଳକୁ ମାରିବାକୁ ଚାଲିଗଲା। ପୁଣି ଚାରିଆଡ଼କୁ ଅନାଇଲା। ପୋଲ ତଳେ କେହି ନ ଥିଲେ ବି ଝିଟିପିଟିଟା ଶିଷ୍ୟ ଆଡ଼କୁ ଆଖି ତରାଟି ଅନାଇ ରହିଛି। କ'ଣ କରିବ, ସେ ବି ଏକ ଜୀବ, ଏକଥା ଚିନ୍ତାକରି ଏକ ଘାସବୁଦା ପାଖକୁ ଚାଲିଲା। ଚାରିଆଡ଼କୁ ଚାହିଁଲା। କେହି ତ ଦେଖାଯାଉ ନାହାନ୍ତି। ଏହି ସମୟରେ ବୁଦାମୂଳରେ ଥିବା ଛୋଟ ଚଢ଼େଇଟିଏ ବୋବେଇ ଦେଲା। ଶିଷ୍ୟଟି ଖୁବ୍ ନିରାଶ ହୋଇପଡ଼ିଲା। ଗୁରୁ କହିଛନ୍ତି, ପକ୍ଷୀଶାବକକୁ ତୁମେ ଏମିତି ଜାଗାରେ ମାରି ଆଣିବ, ଯେପରି କାହାରି ନଜର ପଡ଼ିବ ନାହିଁ କିମ୍ବା କେହି ଦେଖିପାରିବେ ନାହିଁ। ଶିଷ୍ୟ ଜଣକ ବଡ଼ ଦୁଃଖର ସହିତ ପୂରା ଅକ୍ଷତ ଅବସ୍ଥାରେ ପକ୍ଷୀଶାବକକୁ ନେଇ ଗୁରୁଙ୍କ ପାଖରେ ପହଞ୍ଚି କହିଲେ, "ଆଜ୍ଞା ଗୁରୁଦେବ! ପକ୍ଷୀଟିକୁ ମାରିବା ପାଇଁ ମୁଁ କେଉଁଠି ହେଲେ ନିରାପଦ ସ୍ଥାନ ପାଇଲି ନାହିଁ। ସବୁଠି କେହି ନା କେହି ଜଗି ରହିଛି। ଏଣୁ ମୋର ପରୀକ୍ଷା ପାଇଁ ଯେଉଁ ଶାସ୍ତି ଦେବେ ମୁଁ ତାକୁ ମୁଣ୍ଡପାତି ସହିନେବି। ଯେ କୌଣସି ଜାଗାରେ ସେହି ଜୀବ ଭିତରେ ବ୍ରହ୍ମସତ୍ତା ହିଁ ସବୁ ଦେଖୁଛି।"

ଏସବୁ କଥା ଶୁଣି ଗୁରୁ ଶିଷ୍ୟଙ୍କୁ କହିଲେ "ବତ୍ସ, ତୁମେ ପ୍ରକୃତରେ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛ। କାରଣ ଆମେ ଯେଉଁଠି ଯାହା କଲେ ମଧ୍ୟ ଈଶ୍ୱର ସବୁ ଦେଖୁଛନ୍ତି, ସବୁ ଜାଣୁଛନ୍ତି, ସେ ସର୍ବବ୍ୟାପୀ, ସେ ବିଶ୍ୱନିୟନ୍ତା। ଏଣୁ ଆମେ ଯେଉଁ କାର୍ଯ୍ୟ କରିବାକୁ ଯାଉଛେ, ସେଗୁଡ଼ିକ ସେହି ପରମେଶ୍ୱରଙ୍କଠାରେ ସମର୍ପଣ କରିଦେଲେ କାର୍ଯ୍ୟଟି ପୁଣ୍ୟ ଓ ପବିତ୍ର ହୋଇ ଭଗବାନଙ୍କ ପାଖକୁ ଚାଲିଯିବ। ସୁତରାଂ ପ୍ରତ୍ୟେକ କର୍ମର ଭଲ ଓ ମନ୍ଦ ସେହି ବିଶ୍ୱନିୟନ୍ତାଙ୍କଠାରେ ସମୀକ୍ଷା ହୋଇଥାଏ। ଆମେ ଆମ କର୍ମ ଆରମ୍ଭ କରିବା ପୂର୍ବରୁ ଏହା ଭଲ ମନ୍ଦ କିମ୍ବା ଲାଭକ୍ଷତିକୁ ବିଚାରରେ ନେଲେ ବିଶ୍ୱ ଅମୃତମୟ ହୋଇଯିବ। ଏଥିପାଇଁ ଆମେ ପ୍ରତିଦିନ ବିଛଣାରୁ ଉଠିଲେ ଜଗତର ନାଥଙ୍କୁ ଜଣାଇଦେବା ଯେ, ହେ ଭଗବାନ ଆଜି ଦିନର କର୍ମଗୁଡ଼ିକ ଭଲରେ ହୋଇଯାଉ ଓ ବିଛଣାକୁ ଶୋଇବାକୁ ଗଲେ ମଧ୍ୟ ସେହି କଥା ଜଣାଇଥାଉ। ଜୟ ଜଗନ୍ନାଥ। ସୁତରାଂ ସମର୍ପଣ ଭାବର ଗଭୀରତା ଅଧିକ ହେଲେ କର୍ମଗୁଡ଼ିକ ଈଶ୍ୱରମୟ ଓ ଦିବ୍ୟମୟ ହୋଇଯିବ। ଏଣୁ ଆମ୍ଭେମାନେ ପ୍ରତିଟି ମୁହୂର୍ତ୍ତ, ପ୍ରତିଟି ଦିବସର କର୍ମକୁ ସମୀକ୍ଷା କରିବା ଦରକାର।" ଏଣୁ କୁହାଯାଇଛି, ପ୍ରତ୍ୟେକ ମୁହୂର୍ତ୍ତର କର୍ମକୁ ଆତ୍ମ ବିଶ୍ଳେଷଣ କର, ପ୍ରତ୍ୟେକ ଦିନର କର୍ତ୍ତବ୍ୟକୁ ଆତ୍ମସମୀକ୍ଷା କର, ଦେଖିବ ଏ ପୃଥିବୀ, ଏଇ ମଣିଷ ସମାଜ ଏକ ସତ୍ୟ ଶିବ ସୁନ୍ଦର ପାଲଟିଯିବ।

**–ଶଶଧର ମହନ୍ତୀ**
ମାଷ୍ଟର କଲୋନୀ, ଚରମ୍ପା, ଭଦ୍ରକ
ମୋ: ୭୯୭୮୫୦୬୦୪୭

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

## ଚଗଲା ଭୀମୁ



# ପରୀକ୍ଷାର୍ଥୀଙ୍କ ପାଇଁ...

ଓଡିଶା ସରକାର ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ଅନେକ ସଂସ୍କାର ଆଣିବା ସହିତ ତ୍ରୁଟିମୁକ୍ତ ଓ ଛାତ୍ରୀଛାତ୍ରଙ୍କୁ ଚାପମୁକ୍ତ ହୋଇ ପରୀକ୍ଷା ବୈତରଣୀ ଅତିକ୍ରମ କରିବା ଲକ୍ଷ୍ୟରେ ୨୫ ଡିସେମ୍ବର ୨୦୧୯ରେ ଦୈନିକ ଖବରକାଗଜରେ ପ୍ରକାଶ କରିଛନ୍ତି ଯେ ବାର୍ଷିକ ପରୀକ୍ଷା ୧୯।୦୨।୨୦୨୦ରୁ ଆରମ୍ଭ ହୋଇ ୦୨।୦୩।୨୦୨୦ରେ ଶେଷ ହେବ। ବର୍ତ୍ତମାନଠାରୁ ପରୀକ୍ଷା ଶେଷ ପର୍ଯ୍ୟନ୍ତ ଶତ ପ୍ରତିଶତ ଯତ୍ନବାନ ହେବା ଆବଶ୍ୟକ।



ଆଦରର ପିଲାମାନେ,

ପ୍ରତିବର୍ଷ ପରି ଚଳିତ ବର୍ଷ ମାଟ୍ରିକ ବୋର୍ଡ ପରୀକ୍ଷା ଫେବୃୟାରୀ ତୃତୀୟ ସପ୍ତାହରୁ ଆରମ୍ଭ ହୋଇ ମାର୍ଚ୍ଚ ପ୍ରଥମ ସପ୍ତାହରେ ଶେଷ ହେଉଛି, ତଥାପି ପରୀକ୍ଷା ସମୟ ଓ ପ୍ରଶ୍ନପତ୍ର ଢାଞ୍ଚାରେ କିଛି ପରିବର୍ତ୍ତନ କରାଯାଇଛି। ପରୀକ୍ଷା ସମୟ ସକାଳ ୯.୦୦-୧୧.୩୦ ପରିବର୍ତ୍ତେ ୧୦.୦୦-୧୨.୩୦ ଏବଂ ଗଣିତ ପାଇଁ ୧୦.୦୦-୧୨.୪୫। ପ୍ରଶ୍ନପତ୍ର ୪ଟି ସେଟ୍ ଯଥା A, B, C ଓ D ଏବଂ ସମାନ୍ତରାଳ ଅର୍ଥାତ୍ ପ୍ରତି ସେଟ୍‌ରେ ଭିନ୍ନ ଭିନ୍ନ ପ୍ରଶ୍ନ। ଯଥା- ଇଂଲିଶ୍‌ର ରଚନା ପାଇଁ A ସେଟ୍- ମାଇଁ ମଦର, B ସେଟ୍- ମାଇଁ ଫାଦର, C ସେଟ୍- ମାଇଁ ଅଙ୍କଲ ଓ D ସେଟ୍- ମାଇଁ ୟଙ୍ଗର ବ୍ରଦର। ସେହିପରି ସୋସିଆଲ ସାଇନ୍ସ ରେ ଅବ୍‌ଜେକ୍ଟିଭ୍ ପ୍ରଶ୍ନରେ ୪ଟି ସେଟ୍ ପାଇଁ A ସେଟ୍ - ତ୍ରିପୁରାର ରାଜଧାନୀର ନାମ କ'ଣ ? B ସେଟ୍- ଆସାମର ରାଜଧାନୀର ନାମ କ'ଣ ? C ସେଟ୍ - କର୍ନାଟକର ରାଜଧାନୀର ନାମ କ'ଣ ? D ସେଟ୍- ବିହାରର ରାଜଧାନୀର ନାମ କ'ଣ ? ପୂର୍ବବର୍ଷମାନଙ୍କ ପରି ଅବ୍‌ଜେକ୍ଟିଭ ୫୦ ମାର୍କ ଓ ସବ୍‌ଜେକ୍ଟିଭ ୫୦ ମାର୍କ, କିନ୍ତୁ ଅବ୍‌ଜେକ୍ଟିଭ ପାଇଁ ଓଏମ୍‌ଆର୍‌ର ପ୍ରଚଳନ ନାହିଁ। ଓଏମ୍‌ଆର୍ ପରିବର୍ତ୍ତେ ଉତ୍ତର ଲେଖିବାକୁ ହେବ । ପ୍ରତି ପ୍ରଶ୍ନ ପାଖରେ ଉତ୍ତର ଲେଖିବା ପାଇଁ ସ୍ଥାନ ଥିବ। ପ୍ରଶ୍ନଗୁଡିକ ଏହିପରି ଆସିବ, ଯଥା-ଗୋଟିଏ ଶବ୍ଦରେ ଉତ୍ତର ଦିଅ, ଗୋଟିଏ ବାକ୍ୟରେ ଉତ୍ତର ଦିଅ, ଠିକ୍, ଭୁଲ ବାଛ, 'କ' ସ୍ତମ୍ଭ 'ଖ' ସ୍ତମ୍ଭ ମେଳାଅ, ଶୂନ୍ୟସ୍ଥାନ ପୂରଣ କର, ଭ୍ରମ ସଂଶୋଧନ କର। ସବ୍‌ଜେକ୍ଟିଭ୍ ପ୍ରଶ୍ନ ପଢ଼ିବା ପାଇଁ ୧୪ ମିନିଟ୍ ସମୟ ଦିଆଯିବ।

ଯେହେତୁ ୪ଟି ସେଟ୍ ଓ ସମାନ୍ତରାଳ ପ୍ରଶ୍ନ, ପ୍ରତି ବିଷୟରେ ପ୍ରତି ପୃଷ୍ଠାର ପ୍ରତ୍ୟେକ ବାକ୍ୟ ପ୍ରତି ଗୁରୁତ୍ୱ ପ୍ରଦାନ କରିବା ଆବଶ୍ୟକ। ସମସ୍ତ ବିଷୟର ପ୍ରତ୍ୟେକ ପ୍ରସଙ୍ଗକୁ ଭଲ ଭାବେ ହୃଦୟଙ୍ଗମ କରି ବୁଝ ଓ ସନ୍ଦେହ ଥିଲେ ଶିକ୍ଷକ ଶିକ୍ଷୟିତ୍ରୀ, ପିତାମାତା କିମ୍ବା ବଡ ଭାଇଭଉଣୀଙ୍କଠାରୁ ସନ୍ଦେହ ମୋଚନ କର। ସାଥୀ ବହି ଓ ଟେଷ୍ଟ ପେପର ଅପେକ୍ଷା ପ୍ରତି ବିଷୟରେ ଟେକ୍ସଟ୍ ବୁକ୍ ପ୍ରତି ଅଧିକ ଗୁରୁତ୍ୱ ଦିଅ।







ଏ ପରୀକ୍ଷା ତୁମମାନଙ୍କ ପାଇଁ ନୂଆ ନୁହେଁ, ଯେହେତୁ ତୁମେମାନେ ନବମ ଶ୍ରେଣୀରେ ୨ ଥର ଓ ଦଶମ ଶ୍ରେଣୀରେ ୨ ଥର ନିଜ ନିଜ ବିଦ୍ୟାଳୟରେ ଅଭିଜ୍ଞତାରେ ଆଣି ସାରିଛ ।

ପରୀକ୍ଷା ପ୍ରୋଗ୍ରାମକୁ ଠିକ୍ ଭାବରେ ଦେଖି ପରୀକ୍ଷା କେନ୍ଦ୍ରକୁ ପରୀକ୍ଷା ଆରମ୍ଭର ୩୦ ମି. ପୂର୍ବରୁ ଆଡ୍‌ମିଟ୍ କାର୍ଡ, ପେନ୍, ପେନ୍‌ସିଲ୍ ଓ ଯଦି ଆବଶ୍ୟକ ଜ୍ୟାମିତି ବକ୍ସ ନେଇ ଯିବ । ପରୀକ୍ଷା କକ୍ଷରେ ଶୃଙ୍ଖଳା ରକ୍ଷା ପୂର୍ବକ ପ୍ରଶ୍ନ ଠିକ୍ ଭାବରେ ପଢ଼ି ଭାବିଚିନ୍ତି ଉତ୍ତର କରିବ । ପ୍ରଥମ ୧ ଘଣ୍ଟା ଅବ୍‌ଜେକ୍ଟିଭ୍ ପାଇଁ, ପରବର୍ତ୍ତୀ ୧.୩୦ ମି. ସବ୍‌ଜେକ୍ଟିଭ୍ ପାଇଁ । ଉତ୍ତର କରିବା ସମୟରେ ଗୋଲଗୋଲ ଅକ୍ଷର, ବନାନ, ବିରାମ ଚିହ୍ନ, ଇଂଲିଶ ପାଇଁ ଟେନ୍ସ ଏବଂ ଟାଇମ୍ ପ୍ରତି ଧ୍ୟାନ ଦେବ । ଅସୀମ ଧୈର୍ଯ୍ୟ, ସାହସ ଓ ଆତ୍ମବିଶ୍ୱାସକୁ ପାଥେୟ କରି ମାତାପିତା ଓ ଗୁରୁଜନମାନଙ୍କ ଆଶୀର୍ବାଦ ନେଇ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ହୋଇ ଉତ୍ତର କରିବା ପାଇଁ ପ୍ରସ୍ତୁତ ହୁଅ। ତୁମେ ନିଶ୍ଚୟ ଆଶାନୁରୂପ ଫଳପ୍ରାପ୍ତ ହେବ।

-ପ୍ରଫୁଲ୍ଲ କୁମାର ସେନାପତି
ଓଇଏସ୍-୨
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଭୁବନେଶ୍ୱର
ମୋ: ୯୮୬୧୪୧୫୩୭୯

## ପ୍ରିୟ ଅଭିଭାବକଙ୍କ ଲାଗି....

ଆଜିଠାରୁ ପରୀକ୍ଷା ଶେଷ ପର୍ଯ୍ୟନ୍ତ ପ୍ରତିଦିନ ଏକ ଦୈନିକ ଖବରକାଗଜ, ଯେଉଁଥିରେ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ସମସ୍ତ ବିଷୟ ଲାଗି ପରୀକ୍ଷା ଉପଯୋଗୀ ପ୍ରଶ୍ନୋତ୍ତର ପ୍ରକାଶିତ ହେଉଛି, ସେଥିରୁ ଖଣ୍ଡିଏ ଆଣି ପିଲାକୁ ପଢ଼ିବାକୁ ଦିଅନ୍ତୁ ଏବଂ ନିଜେ ମଧ୍ୟ ସେ ସମ୍ବନ୍ଧରେ ଆଲୋଚନା କରନ୍ତୁ। ନିଜ ପିଲାଙ୍କୁ ଅନ୍ୟ କାହାର ପିଲା ସହିତ ତୁଳନା କରନ୍ତୁ ନାହିଁ। ପରୀକ୍ଷା ପର୍ଯ୍ୟନ୍ତ ପିଲାର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ସହିତ ତା'ର ଖାଦ୍ୟପେୟ ପ୍ରତି ଯତ୍ନବାନ ହେବେ। ପରୀକ୍ଷା ସମୟରେ କେନ୍ଦ୍ରକୁ ନିଜେ ପିଲାକୁ ସାଙ୍ଗରେ ନେଇ ଛାଡିବେ ଏବଂ ଆଣିବେ। ଯେଉଁ ଦିନ ଯେଉଁ ବିଷୟରେ ପରୀକ୍ଷା ଶେଷ ହେଲା, ସେ ବିଷୟରେ ଆଦୌ ଆଲୋଚନା କରନ୍ତୁ ନାହିଁ, ପିଲାର ପଢ଼ାରେ ନିଜେ ଖୁସି ରହିବା ସହିତ ପିଲାକୁ ଖୁସି ରହିବା ପାଇଁ ପରାମର୍ଶ ଦିଅନ୍ତୁ।

## ଶ୍ରଦ୍ଧେୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଲାଗି....

ଆପଣମାନେ ପରୀକ୍ଷାର୍ଥୀଙ୍କ ବାପ ମା' ସଦୃଶ । ପରୀକ୍ଷା କେନ୍ଦ୍ରରେ ସେମାନଙ୍କୁ ଉଚିତ ଦିଗ୍‌ଦର୍ଶନ ଓ ପରାମର୍ଶ ଦିଅନ୍ତୁ, ଯେପରି ସେମାନେ ପରୀକ୍ଷା କକ୍ଷକୁ ପ୍ରବେଶ ଠାରୁ ପ୍ରସ୍ଥାନ ପର୍ଯ୍ୟନ୍ତ ନିର୍ଭୀକତାର ସହିତ ଶୃଙ୍ଖଳା ରକ୍ଷା ପୂର୍ବକ ପରୀକ୍ଷା ଦେଇପାରିବେ।

ବୋର୍ଡ ପରୀକ୍ଷା, ପରୀକ୍ଷାର୍ଥୀମାନଙ୍କ ପାଇଁ ନୂଆ। ଯେଉଁ ଶିକ୍ଷୟିତ୍ରୀ ଶିକ୍ଷକମାନେ କକ୍ଷରେ ନିରୀକ୍ଷକ ଦାୟିତ୍ୱରେ ଥିବେ, ପରୀକ୍ଷାର୍ଥୀ ଠିକ୍ ଭାବେ Code, Subject ଏବଂ Roll No. ଲେଖୁଛନ୍ତି କି ନାହିଁ ଦେଖି ଉତ୍ତର ଖାତାରେ ଦସ୍ତଖତ କରିବାକୁ ଅନୁରୋଧ ।

ମୂଲ୍ୟାୟନ କେନ୍ଦ୍ରରେ ଖାତା ମୂଲ୍ୟାଙ୍କନ ସମୟରେ ନିର୍ଭୁଲ ଭାବରେ ପ୍ରତି ଉତ୍ତର ପଢ଼ି ଠିକ୍ ଭାବରେ ମୂଲ୍ୟାୟନ କରନ୍ତୁ । ଯଦ୍ୱାରା ପରୀକ୍ଷାର୍ଥୀ ତା'ର ପରିଶ୍ରମର ଉପଯୁକ୍ତ ଫଳ ପ୍ରାପ୍ତି ହେବ।

ପରିଶେଷରେ, ପରୀକ୍ଷାର୍ଥୀ, ଅଭିଭାବକ ଓ ଶିକ୍ଷକ ସମାଜ-ସମସ୍ତେ ଯଦି ନିଜ କର୍ତ୍ତବ୍ୟ ପ୍ରତି ସଚେତନ ରହିବେ, ତେବେ ପରୀକ୍ଷା ପ୍ରକ୍ରିୟା ଶାନ୍ତି ଶୃଙ୍ଖଳାରେ ସମ୍ପାଦିତ ହେବା ସହିତ ପରୀକ୍ଷାଫଳର ଉଚିତ ମୂଲ୍ୟାୟନ ହୋଇପାରିବ।


୧


୨


୩


୪


୫


୬


୭


୮


୯


୧୦


ଅବିନାଶ ସାହୁ
କ୍ଲାସ-୧୦, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅନୁଗୋଳ
୧


ଭବାନୀ ଶଙ୍କର ମହାନ୍ତି
କ୍ଲାସ-୫, ମଡର୍ନ ପବ୍ଲିକ୍ ସ୍କୁଲ, ବାଲେଶ୍ୱର
୨


ଆଦ୍ୟାଶା ଦାଶ
କ୍ଲାସ-୧, କେନ୍ଦ୍ରୀୟ ବିଦ୍ୟାଳୟ୧, ୟୁନିଟ୍-୯, ଭୁବନେଶ୍ୱର
୩


ତ୍ରିନାଥ ନନ୍ଦି
କ୍ଲାସ-୮, ସରକାରୀ ଉଚ୍ଚ ବିଦ୍ୟାଳୟ, ଜଳେଶ୍ୱର, ବାଲେଶ୍ୱର
୪


ସ୍ୱନ୍ଦିତା ଜେନା
କ୍ଲାସ-୫, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଜିଜିପି କଲୋନୀ ଭୁବନେଶ୍ୱର
୫


ପ୍ରଦୀପ ମୁଦୁଲି
କ୍ଲାସ-୮, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଦିଗୁଡା, ନବରଙ୍ଗପୁର
୬


ରୁଦ୍ରପ୍ରସାଦ ବେହେରା
କ୍ଲାସ-୧୦, ଗୋପବନ୍ଧୁ ହାଇସ୍କୁଲ, ପୋଲସରା, ଗଞ୍ଜାମ
୭


ମୋନାଲିକା ପାତ୍ର
କ୍ଲାସ-୩, ଗାୟତ୍ରୀ ସ୍ମାର୍ଟସ୍କୁଲ, ଭୁବନେଶ୍ୱର
୮


ସସ୍ମିତା ମୁର୍ମୁ
କ୍ଲାସ-୮, ରେଭେନ୍ସା ବାଳିକା ବିଦ୍ୟାଳୟ, କଟକ
୯


ପ୍ରେକ୍ଷା ପୂର୍ବାଷା ବରାଳ
କ୍ଲାସ-୬, କେନ୍ଦ୍ରୀୟ ବିଦ୍ୟାଳୟ୧, ୟୁନିଟ୍-୯, ଭୁବନେଶ୍ୱର
୧୦

# ଋତୁରାଜ ଆଗମନେ



**ଅ**ଗ୍ନ୍ୟୁତ୍ସବ ସାଥେ ଶୀତ ଚାଲିଗଲା
ବସନ୍ତେ ଦେଇ ଆହ୍ୱାନ,
ଫଗୁଣ ମାସରେ ଦକ୍ଷିଣ ଦିଗରୁ
ବହେ ମଳୟ ପବନ।
ଚୂତଡାଳେ ବସି କୋକିଳ ରାବିଲା
କୁହୁକୁହୁ ମଧୁ ସ୍ୱନେ,
କୁସୁମ ଉଦ୍ୟାନ ମୁଖରିତ ହେଲା
ମଧୁପ ମୃଦୁ ଗୁଞ୍ଜନେ।
ଯୂଇ, ଜାଇ, ମଲ୍ଲୀ, ମାଧବୀ, ମାଳତୀ
ରଜନୀଗନ୍ଧାର ହାସ,
ବାସନ୍ତୀ ପ୍ରଭାତ ଅତି ମନଲୋଭା
ଲଭି ସେ ମଧୁର ବାସ।
ପୁରାତନ ଛାଡ଼ି ନୂତନ ବସନେ
ତୃପତ ହୁଅନ୍ତି ଜନେ,
ପୁରାତନ ପତ୍ର ତେଜି ବୃକ୍ଷରାଜି
ହସିଲେ ନବ ପ୍ରସୂନେ।
ମନ୍ଦିରୁ ବାହାରି ଦୋଳ ବିମାନରୁ
ବିଜେ ରାଇ ଦାମୋଦର,
ଦରଶନ ଦେଇ ପ୍ରସାଦ ଭୁଞ୍ଜନ୍ତି
ବୁଲି ବୁଲି ଘର ଘର।
ହୋଲି ପରବରେ ଉନମତ୍ତ ସର୍ବେ
ଜାତି, ଧର୍ମ, ବର୍ଣ୍ଣ ଭୁଲି,
ରଙ୍ଗ ପିଚକାରି, ଅବିରକୁ ଧରି
ସଭିଏଁ ଖେଳନ୍ତି ହୋଲି।
ଦିବସ, ରଜନୀ ସମାନ ହୋଇଲା
ଖରା, ବର୍ଷା, ଶୀତ ସମ,
ନାହିଁ ସାନ ବଡ଼ ଭେଦାଭେଦ ଭାବ
ସଭିଏଁ ଏଥି ସମାନ।
ଷଡ଼ ଋତୁଙ୍କର ସକଳ ସମ୍ଭାର
ସକଳ ବିଭବ ସାଥେ,
ଋତୁରାଜଙ୍କର ବିଜୟର ଧ୍ୱଜା
ଉଡ଼ିଲାଣି ଧରା ପଥେ।
ନୃପ ଆଗମନେ ନିଜକୁ ସଜାଇ
ହସିଲେ ପ୍ରକୃତି ମାତା,
ସକଳ ଋତୁଙ୍କ ସୃଷ୍ଟିର ଆଧାର
ଧନ୍ୟ ହେ ବିଶ୍ୱ କରତା।

**– ମାଧବୀଲତା ଦେଇ**
ପ୍ରଧାନ ଶିକ୍ଷୟିତ୍ରୀ,
କନପୁର ନୋଡାଲ ଉ.ପ୍ରା.
ବିଦ୍ୟାଳୟ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୬୭




# ପାଠପଢ଼ି ହେବୁ ବଡ଼



**କା**ନ୍ଦନା ଆଉ ଏତେ ଧନ ମୋର
ଆଉ ତୁହି କାନ୍ଦନାହିଁ
ବାପ ଯାଇଅଛି କାମ କରିବାକୁ
ସଞ୍ଜେ ଫେରିବ ଯାଇଁ
ଆଣିବ ସାଥିରେ ଖାଇବା ଦରବ
ଖାଇ ତୁହି ହେବୁ ଖୁସି
ତା' ପରେ ଯାଇଁ ମନ ଖୁସି କରି
ପଢ଼ିବୁ' ତୁ ପାଠବସି ।
ଖଟିବା ଆମର ଧର୍ମ ଜୀବନର
ଶ୍ରମଛଡ଼ା କିଛି ନାହିଁ
ପରଧନ ଦେଖି କେବେବି ଆମେରେ
ହେବା ନାହିଁ ହାଇଁ ପାଇଁ
ମେହେନତ୍ ବିନା ପାଇବାକୁ କିଛି
ହୋଇନାହିଁ ଆମମନ
ସେଥିପାଇଁ ତୁହି କରିବୁନି ହେଳା
ପାଠରେ ଦେବୁ ଧ୍ୟାନ ।
ଭଲ ପାଠପଢ଼ି ମଣିଷଟେ ହେଲେ
ଦୁଃଖ ହୋଇବ ଦୂର
ଆଦର କରିବେ ସବୁଲୋକମାନେ
ବଢ଼ିବ ଖ୍ୟାତି ତୋର।
କାମକୁ ବାପ ତୋ' କେତେବେଳେ
ସିଏ
କରିନାହିଁ ହତାଦର
ଗୋଟିଏ ମାଗୁଣି କଲା ଠାକୁରଙ୍କୁ
ପୁଅକୁ ମଣିଷ କର।

**–ଅଧ୍ୟାପକ ବିଷ୍ଣୁ ମୋହନ**
ଖଣ୍ଡଗିରି, ଭୁବନେଶ୍ୱର

# ତୁମ ପଢ଼ିବା ପାଇଁ




**ମୋ ଆଶା:** ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଜାନୁୟାରୀ–ମାର୍ଚ୍ଚ ସଂଖ୍ୟାରେ ଗାଈ ପିଇଲା ପାଣି,ବକର ବକର ବକର,ଆମ ଘର ଭଲ,ଇଣ୍ଡିଆ ଗେଟ୍,ଦୁଷ୍ଟ ଲୁସି,ଶୀତ ସକାଳର ଭିନ୍ନ ଅନୁଭୂତି , ସପନପରୀ ପରି ରହିଛି କେତୋଟି ଗଳ୍ପ ଓ କବିତା। ସୁମନ୍ତ ମହାରଣାଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ୧୫ଟଙ୍କା। ଯୋଗାଯୋଗ– ମୋ ଆଶା, ଲିଟିଲ୍ ଷ୍ଟାର ଗ୍ରୁପ୍,ପାଟପୁର,ନିମାପଡା,ପୁରୀ।



ପାର୍ଥକ୍ୟ ଦର୍ଶାଅ




ଆରଥରର ଉତ୍ତର

## ଏଥରର ପ୍ରଶ୍ନ

**କେଉଁଟି ଅଲଗା**

- ସାର୍କ, ଡଲଫିନ୍, ଅହିରାଜ, ତିମି,
- ବାଘ, ଭାଲୁ, ସିଂହ, ଛେଳି
- ଇଂଲିଶ୍, ଉର୍ଦ୍ଦୁ, ହିନ୍ଦୀ, ଓଡିଆ
- ହିଲିୟମ୍, ଲୁହା, ଟିଣ, ଦସ୍ତା
- କମ୍ପ୍ୟୁଟର, ଫ୍ୟାନ, ଲାପ୍‌ଟପ୍, ମୋବାଇଲ୍

# ଅଲରାଉଣ୍ଡର ରୋଶନି

ଶିଶୁ ପ୍ରତିଭା

**ରୋ**ଶନି ନାୟକ। ଭୁବନେଶ୍ୱରସ୍ଥିତ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲର କ୍ଲାସ ୫ ଛାତ୍ରୀ। ମଡର୍ନ ଡ୍ୟାନ୍ସ ଆଉ ମଡେଲିଂ ପ୍ରତି ରହିଛି ତାଙ୍କର ରୁଚି। ବାପା ପ୍ରଶାନ୍ତ କୁମାର ନାୟକ ଓ ମାଆ ସୁଶ୍ରୀ ଶୁଭ୍ରତା ନାୟକଙ୍କ ଏକମାତ୍ର କନ୍ୟା ସେ। ରହୁଛନ୍ତି ଭୁବନେଶ୍ୱରସ୍ଥିତ ଭିଏସ୍ଏସ୍ ନଗରରେ। ୩ ବର୍ଷ ବୟସରୁ ସେ ଡ୍ୟାନ୍ସ ଆରମ୍ଭ କରିଥିଲେ। ମାଆଙ୍କର ଆଗ୍ରହ ଥିଲା ନୃତ୍ୟ ପ୍ରତି। ସେ ଚାହୁଁଥିଲେ ତାଙ୍କ ଝିଅ ଏହି ଲାଇନ୍‌ରେ ସଫଳତା ଅର୍ଜନ କରୁ। ଆଉ ଛୋଟବେଳୁ ଝିଅର ଏଭଳି ପ୍ରତିଭାକୁ ଲକ୍ଷ୍ୟ କରି ତାକୁ ଉତ୍ସାହିତ କରିବାକୁ ପଛାଇ ନ ଥିଲେ। ପିଲାଦିନେ ରୋଶନୀ ଟିଭି ଏବଂ ୟୁଟ୍ୟୁବ୍ ଦେଖି ବି ସେ ଡ୍ୟାନ୍ସ ପ୍ରାକ୍ଟିସ୍ କରୁଥିଲେ। ପ୍ରଥମେ ସେ ବାପି ଦାସଙ୍କ ନିକଟରୁ ନୃତ୍ୟ ଶିଖିଥିଲେ। ଏବେ ସୌମ୍ୟା ସୁମନ ମହାନ୍ତିଙ୍କ ପାଖରୁ ଡ୍ୟାନ୍ସ ଶିଖୁଛନ୍ତି। କେବଳ ଡ୍ୟାନ୍ସ,ମଡେଲିଂ, ବକ୍ତୃତା, ଡ୍ରଇଂ ନୁହେଁ ପାଠପଢାରେ ବି ନିଜକୁ ଜଣେ ମେଧାବୀ ଛାତ୍ରୀ ଭାବରେ ପରିଚିତ କରାଇ ପାରିଛନ୍ତି ସେ। ବଡ ହେଲେ ଓଡିଶାରେ ଇନ୍‌ଷ୍ଟିଚ୍ୟୁଟ୍ ଖୋଲି ମଡେଲିଂ ଓ ଡ୍ୟାନ୍ସ ଶିକ୍ଷା ଦେବେ ବୋଲି କୁହନ୍ତି ରୋଶନୀ। ଓଡିଶା ତରଫରୁ ଲିଟିଲ୍ ମିସ୍ ପ୍ରିନ୍‌ସେସ୍ ପାଇଁ ସେ ମୁମ୍ବାଇ ଯିବାକୁ ସିଲେକ୍ଟ ହୋଇଛନ୍ତି। ଫ୍ରି ସମୟରେ ପେଣ୍ଟିଂ, ଟିକ୍‌ଟକ୍ ସହ ୟୁଟ୍ୟୁବ୍‌ରେ ମେକ୍ ଅପ୍ ଓ ଡ୍ୟାନ୍ସ ଆଦି ଦେଖନ୍ତି ସେ। ଡ୍ୟାନ୍ସ ପ୍ରାକ୍ଟିସ୍ ପାଇଁ ଦିନକୁ ୨ ଘଣ୍ଟା ସମୟ ଦିଅନ୍ତି। ଓଡିଶା ସାଇନିଂ ଆଇକନ୍ ଆଣ୍ଡ ସାଇନିଂ ରକର୍ସ ଏକାଡେମୀ ତରଫରୁ ରାଉରକେଲାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମିସ୍ ଓଡିଶା ସେକେଣ୍ଡ ରନର୍ସ ଅପ୍, ମିସ୍ କଳିଙ୍ଗ କନ୍ୟାରତ୍ନ–୨୦୨୦, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଡ୍ୟାନ୍ସ କରି ପୁରସ୍କୃତ ହୋଇଛନ୍ତି। ଏହାବ୍ୟତୀତ ସେ ଜାତୀୟ ଶିଶୁ ଯୁବ ମହୋତ୍ସବରେ ଫ୍ୟାଶନ୍ ଶୋ ଓ ଡ୍ୟାନ୍ସରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ମା–ବାପା ଉଭୟ କର୍ମଜୀବୀ ହେଲେ ମଧ ରୋଶନିଙ୍କୁ ପ୍ରୋତ୍ସାହିତ କରିବାକୁ ପଶ୍ଚାତପଦ ହୋଇନାହାନ୍ତି। ଶୁଭମ୍ କୁମାର ଦାସଙ୍କ ଠାରୁ ସେ କିଛି ଦିନ ମଡେଲିଂ ଶିଖିବା ପରେ ଏବେ ଟିଭି ଦେଖି ପ୍ରାକ୍ଟିସ୍ କରୁଛନ୍ତି। ଭବିଷ୍ୟତରେ ଭଲ କୋରିଓଗ୍ରାଫର ସହ ମଡେଲ ହେବାକୁ ଲକ୍ଷ୍ୟ ରଖିଛନ୍ତି ଏହି କୁନି ପ୍ରତିଭା।



– ଦେବସ୍ମିତା

# ବିଶିଷ୍ଟ ବୈଜ୍ଞାନିକ ସାର୍ ସି.ଭି. ରମଣ

ପିଲାମାନେ, ଜାଣିଥିବ ଆଲୋକ ରଶ୍ମି କୌଣସି ଅସ୍ୱଚ୍ଛ ଓ ସମତଳ ଦର୍ପଣ ଉପରେ ପଡ଼ିଲେ ତା'ର ପ୍ରତିଫଳନ ହୋଇଥାଏ ଅର୍ଥାତ୍ ଆଲୋକ ରଶ୍ମି ଯେଉଁ ମାଧ୍ୟମରୁ ଯାଇଥାଏ ପୁଣି ସେହି ମାଧ୍ୟମକୁ ଫେରିଆସେ। କିନ୍ତୁ ସେହି ରଶ୍ମି ଯଦି ପ୍ରିଜିମ୍ ଭଳି ସ୍ୱଚ୍ଛ କାଚ ପୃଷ୍ଠରେ ପଡ଼େ ତେବେ ତା'ର ବିଚ୍ଛୁରଣ ହୋଇଥାଏ। ଅର୍ଥାତ୍ ସୂର୍ଯ୍ୟରଶ୍ମି ସାତୋଟି ରଙ୍ଗରେ ବିଚ୍ଛୁରିତ ହୋଇ ଅପରପାର୍ଶ୍ୱରେ ଦେଖାଯାଏ। ଥରେ ଜଣେ ବୈଜ୍ଞାନିକ ୧୯୨୧ରେ କଂଗ୍ରେସ ସମ୍ମିଳନୀରେ ଯୋଗଦେବା ପାଇଁ କଲିକତାରୁ ଇଂଲଣ୍ଡର ଅକ୍ସଫୋର୍ଡକୁ ଜଳପଥରେ ଜାହାଜରେ ଯାତ୍ରା କରିଥିଲେ। ସେଠାରୁ ଫେରିବା ବେଳେ ଭୂମଧ୍ୟ ସାଗରର ନୀଳ ଜଳରାଶିକୁ ଦେଖି ନିଜକୁ ନିଜେ ପ୍ରଶ୍ନ କଲେ, ସମୁଦ୍ର ଜଳ କାହିଁକି ନୀଳ ଦେଖାଯାଉଛି। କିନ୍ତୁ ପୂର୍ବରୁ ଜଣେ ବୈଜ୍ଞାନିକ ଲର୍ଡ ରାଲେ କହିଥିଲେ ଯେ ନୀଳ ଆକାଶର ପ୍ରତିଫଳନ ଯୋଗୁ ସମୁଦ୍ର ଜଳ ନୀଳ ଦେଖାଯାଉଛି। କିନ୍ତୁ ସେତେବେଳେ ବୈଜ୍ଞାନିକ ଜଣକ ଏହି କଥାକୁ ଗ୍ରହଣ ନ କରି ସାଙ୍ଗରେ ନେଇଥିବା ଏକ ପ୍ରିଜିମ ସାହାଯ୍ୟରେ ଆଲୋକ ରଶ୍ମିର ବିଚ୍ଛୁରଣ ପ୍ରକ୍ରିୟାକୁ ସେହି ଜାହାଜ ଭିତରେ ପରୀକ୍ଷାକରି ଦେଖିଲେ। କଲିକତା ଫେରିଆସି ନିଜର ଛାତ୍ରମାନଙ୍କ ସହ ମିଶି ବିଚ୍ଛୁରିତ ଆଲୋକ ରଶ୍ମି ଉପରେ ଗବେଷଣା କଲେ। ପ୍ରାୟ ୬୦ଟି ବିଭିନ୍ନ ତରଳ ପଦାର୍ଥ ଉପରେ ବିଚ୍ଛୁରଣ ପ୍ରକ୍ରିୟାର ଗବେଷଣା କଲେ। ୧୯୨୭ରେ ତାଙ୍କର ପ୍ରବନ୍ଧ ଇଂଲଣ୍ଡର ନେଚର ପତ୍ରିକାକୁ ପଠାଇଥିଲେ। ଏହାକୁ 'ପରିବର୍ତ୍ତିତ ବିଚ୍ଛୁରଣ' ନାମ ଦେଇଥିଲେ। ଏହିଭଳି ଅନେକ ପରୀକ୍ଷା କରିବା ପରେ ୧୯୨୮ ଫେବୃୟାରୀ ୨୮ରେ ତାଙ୍କ ମୌଳିକ ଆବିଷ୍କାରକୁ ଘୋଷଣା କରାଗଲା, ଯାହାକି 'ରମଣ ପ୍ରଭାବ' ନାମରେ ପରିଚିତ। ସେ ପାଶ୍ଚାତ୍ୟ ଜଗତର ବିଜ୍ଞାନ ଗବେଷଣାଠାରୁ ଦୂରରେ ରହି ସ୍ୱଦେଶର ଅତି ସ୍ୱଳ୍ପ




ମୂଲ୍ୟର ଉପକରଣ ସାହାଯ୍ୟରେ ଏତେ ବଡ଼ ତତ୍ତ୍ୱକୁ ଆବିଷ୍କାର କରିଥିବାରୁ ତାଙ୍କୁ ୧୯୩୦ରେ ପଦାର୍ଥ ବିଜ୍ଞାନର ସର୍ବଶ୍ରେଷ୍ଠ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ସମଗ୍ର ଏସିଆ ମହାଦେଶର ବିଜ୍ଞାନରେ ପ୍ରଥମ ନୋବେଲ ପୁରସ୍କାର ବିଜେତା। ସେହି ବୈଜ୍ଞାନିକଙ୍କ ନାମ ହେଉଛି ସାର୍ ଚନ୍ଦ୍ରଶେଖର ଭେଙ୍କଟ ରମଣ ବା ସାର୍ ସି.ଭି. ରମଣ।

ତାଙ୍କ ଜନ୍ମ ୧୮୮୮ ନଭେମ୍ବର ୭ରେ ତାମିଲନାଡୁର ତିରୁଚିଲାପଲ୍ଲୀଠାରେ ହୋଇଥିଲା। ତାଙ୍କ ପିତାଙ୍କ ନାମ ଚନ୍ଦ୍ରଶେଖର ଆୟାର ଓ ମାତାଙ୍କ ନାମ ପାର୍ବତୀ ଆମ୍ମାଲ। ବାପା ମା'ଙ୍କ ୮ଜଣ ପୁଅଝିଅ ମଧ୍ୟରୁ ସି.ଭି. ରମଣ ଦ୍ୱିତୀୟ ପୁଅ ଥିଲେ। ତାଙ୍କର ବାଲ୍ୟଶିକ୍ଷା ବିଶାଖାପାଟଣାରେ ହୋଇଥିଲା। ସେ ମାତ୍ର ୧୧ ବର୍ଷ ବୟସରେ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିଲେ। ସେ ମାଡ୍ରାସର ପ୍ରେସିଡେନ୍ସି କଲେଜରେ ସ୍ନାତକ ପଢ଼ିଲେ ଏବଂ ସେଥିରେ ମଧ୍ୟ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ସ୍ୱର୍ଣ୍ଣପଦକ ଜିତିଥିଲେ। ମାତ୍ର ୧୮ ବର୍ଷ ବୟସରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ପାସ୍ କଲେ। ସେହି ବର୍ଷ ସେ ସର୍ବଭାରତୀୟ ପରୀକ୍ଷାରେ ଅର୍ଥାତ୍ ଆଇଏଫ୍ଏସ୍ ପରୀକ୍ଷାରେ ସମସ୍ତଙ୍କୁ ଟପି ପ୍ରଥମ ହୋଇ କଲିକତାରେ ବ୍ରିଟିଶ ସରକାରଙ୍କର ଅର୍ଥ ବିଭାଗରେ ଚାକିରି ପାଇଲେ। କିଛିଦିନ ପରେ ସେ ରେଙ୍ଗୁନ ଚାଲିଗଲେ। ସେଠାରେ ନୋଟ୍ ଅଦଳବଦଳ ବିଭାଗରେ ତାଙ୍କୁ ନିଯୁକ୍ତି ଦିଆଗଲା। ଜଣେ ଦକ୍ଷ ଓ ସଚ୍ଚୋଟ ଅଫିସର ଭାବରେ ତାଙ୍କର ନାମ ଥିଲା। ଦିନକର ଘଟଣା ସେଠାରେ ଜଣେ ବ୍ୟବସାୟୀ ବହୁ ଧନ ଉପାର୍ଜନକରି କୌଣସି ବ୍ୟାଙ୍କରେ ନ ରଖି ନିଜ ମୁଣ୍ଡ ତଳେ ଦେଇ ଶୋଉଥାନ୍ତି। ଦିନେ ହଠାତ୍ ସେ ରହୁଥିବା ସ୍ଥାନରେ ନିଆଁ ଲାଗିଗଲା। ତାଙ୍କର ଟଙ୍କା ବିଡ଼ାଗୁଡିକ ଦରପୋଡ଼ା ହୋଇଗଲା। ସେହି ଟଙ୍କାଗୁଡ଼ିକୁ ଧରି ନୋଟ୍ ଅଦଳବଦଳ କରୁଥିବା ଅଫିସକୁ ଆସିଲେ। ସି.ଭି. ରମଣ ଉକ୍ତ ନୋଟ୍‌ଗୁଡ଼ିକୁ ରଖି ଆସନ୍ତାକାଲି ଆସିବା ପାଇଁ ତାଙ୍କୁ କହିଲେ। ସେହିଦିନ ରାତିରେ ଏକ ଲେନ୍ସ ସାହାଯ୍ୟରେ ସେ ଉକ୍ତ ନୋଟ୍‌ର ଅସ୍ପଷ୍ଟ ଭାବେ ଦେଖାଯାଉଥିବା ନମ୍ବରଗୁଡ଼ିକୁ ଯାଞ୍ଚକଲେ ଓ ସେହି ମୂଲ୍ୟର ନୂଆ ନୋଟ୍‌ଗୁଡ଼ିକୁ ବିଡ଼ା ବାନ୍ଧି ଉକ୍ତ ଲୋକଙ୍କୁ ଦେବା ପାଇଁ ସାଇତି ରଖିଲେ। ତା' ପରଦିନ ଯେତେବେଳେ ସେହି ବ୍ୟବସାୟୀ ଜଣକ ତାଙ୍କ ନିକଟରେ ପହଞ୍ଚିଲେ, ସେ ସଙ୍ଗେ ସଙ୍ଗେ ଉକ୍ତ ବ୍ୟବସାୟୀକୁ ନୂଆ ନୋଟ୍ ଧରାଇଦେବାରୁ ସେ ଅତ୍ୟନ୍ତ ଖୁସି ହୋଇଗଲେ। ସେହି ଖୁସିରେ ବ୍ୟବସାୟୀ ଜଣକ ସେଥିରୁ ଅଳ୍ପ କିଛି ଟଙ୍କା ଏକ ଲଫାପାରେ ଭର୍ତ୍ତିକରି ତାଙ୍କୁ ଉପହାର ସ୍ୱରୂପ ଦେବା ବେଳେ ରମଣ ସମ୍ପୂର୍ଣ୍ଣ ମନା କରିଦେଲେ। ପିଲାମାନେ, ଏଥିରୁ ଜଣାଯାଏ, ସି.ଭି. ରମଣ କେତେ ସଚ୍ଚୋଟ ଓ ନିଷ୍ଠାପର ବ୍ୟକ୍ତି ଥିଲେ।

ଏହାପରେ ୧୯୧୭ରେ ସେ କଲିକତା ବିଶ୍ୱବିଦ୍ୟାଳୟର ପ୍ରେସିଡେନ୍ସି କଲେଜରେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ଭାବେ ନିଯୁକ୍ତି ପାଇଲେ। ସେଇଠି ତାଙ୍କୁ ଗବେଷଣା କରିବା ପାଇଁ ବହୁ ସୁଯୋଗ ମିଳିଲା। ତାଙ୍କର ୩୦ଟି ଗବେଷଣା ପ୍ରବନ୍ଧ ଲଣ୍ଡନରେ ପ୍ରକାଶ ପାଇଥିଲା। ସେଥିରୁ ୨୦ଟି ଧ୍ୱନି ବିଜ୍ଞାନ ଉପରେ ଥିଲା। ସେ ବୀଣା, ସିତାର, ତବଲା, ମୃଦଙ୍ଗ, ହାର୍‌ମୋନିୟମ ଆଦି ବାଦ୍ୟଯନ୍ତ୍ରରୁ ଉତ୍ପନ୍ନ ଧ୍ୱନି ଉପରେ ଗବେଷଣାକରି ବହୁ ନୂତନ ତଥ୍ୟ ବାହାର କରିଥିଲେ। ୧୯୨୯ରେ ବ୍ରିଟିଶ ସରକାରଙ୍କ ସମ୍ମାନ ସୂଚକ ସାର୍ ଉପାଧିରେ ଭୂଷିତ ହୋଇଥିଲେ। ୧୯୩୪ ମସିହାରେ ରମଣ ଏକ ଗବେଷଣା ସଂଘ ଗଢ଼ି ତା'ର ନାମ ଦେଇଥିଲେ ଇଣ୍ଡିଆନ ଏକାଡେମୀ ଅଫ୍ ସାଇନ୍ସ। ୧୯୪୯ରେ ସେ ରମଣ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ପ୍ରତିଷ୍ଠା କରିଥିଲେ। ସେଠାରେ ବହୁ ଯୁବ ଛାତ୍ର ଗବେଷଣା କରୁଥିଲେ। ୧୯୫୪ରେ ଭାରତ ସରକାର ତାଙ୍କୁ ଭାରତ ରତ୍ନ ପୁରସ୍କାରରେ ସମ୍ମାନିତ କରିଥିଲେ। ସେ ଉକ୍ତ ବର୍ଷ ଲେନିନ୍ ପୁରସ୍କାର ମଧ୍ୟ ପାଇଥିଲେ। ୧୯୭୦ ନଭେମ୍ବର ୨୧ରେ ତାଙ୍କର ଦେହାନ୍ତ ହୋଇଥିଲା। ଏଭଳି ଜଣେ ବୈଜ୍ଞାନିକଙ୍କ ସମ୍ମାନ ପାଇଁ ଭାରତ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ତରଫରୁ ୧୯୮୬ରୁ ପ୍ରତିବର୍ଷ ଫେବୃୟାରୀ ୨୮ ତାରିଖକୁ ଜାତୀୟ ବିଜ୍ଞାନ ଦିବସ ରୂପେ ପାଳନ ପାଇଁ ନିଷ୍ପତ୍ତି ନିଆଯାଇ ବିଭିନ୍ନ ବିଜ୍ଞାନ ପ୍ରତିଷ୍ଠାନ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନର ଅଗ୍ରଗତି ଓ ପ୍ରୟୋଗ ସମ୍ପର୍କରେ ସଚେତନ କରାଯାଉଛି, ଯାହା ଅତ୍ୟନ୍ତ ଗୌରବର ବିଷୟ।

**– ବିନୋଦ ଚନ୍ଦ୍ର ଜେନା**
ଭିକ୍ଟୋରି କଲୋନି, ପାରଳାଖେମୁଣ୍ଡି
ମୋ: ୯୪୩୮୦୭୪୪୬୪

## ଜଣା ଅଜଣା









# ଆ ଇ ନା



ପ୍ରିୟାଂଶି
୮ ବର୍ଷ



ଅଂଶିକା
୬ ବର୍ଷ



ପ୍ରଜ୍ଞା
୫ ବର୍ଷ